ମମତା ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

କର୍ମଚାରୀଙ୍କୁ ଦିଅ ୨୫ ପ୍ରତିଶତ ମହଙ୍ଗା ଭତ୍ତା

କୋଲକାତା,୧୬।୫: ପଶ୍ଚିମବଙ୍ଗ ସରକାର କର୍ମଚାରୀଙ୍କୁ ୨୫ ପ୍ରତିଶତ ମହଙ୍ଗା ଭତ୍ତା(ଡିଏ) ଦେବାକୁ ସୁପ୍ରିମକୋର୍ଟ ମମତା ବାନାର୍ଜୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟର ବିଚାରପତି ସଞ୍ଜୟ କାରୋଲଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ, ପଶ୍ଚିମବଙ୍ଗ ସରକାରଙ୍କୁ ୩ ମାସ ମଧ୍ୟରେ ଏହି ଦେୟ ଦେବାକୁ ପଡ଼ିବ। ଏହା ସହିତ ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟକୁ ସ୍ଥିର କରାଯାଇଛି।

ପଶ୍ଚିମବଙ୍ଗ ସରକାରୀ କର୍ମଚାରୀମାନେ ବର୍ତ୍ତମାନ ପ୍ରାୟ ୧୮ ପ୍ରତିଶତ ଡିଏ ପାଉଛନ୍ତି। ସଦ୍ୟ ଉପସ୍ଥାପିତ ବଜେଟ୍‌ରେ ମମତା ସରକାର ମହଙ୍ଗା ଭତ୍ତା ୪ ପ୍ରତିଶତ ବୃଦ୍ଧି କରିଥିଲେ। ଯଦି ଆମେ ପଶ୍ଚିମବଙ୍ଗର କର୍ମଚାରୀମାନଙ୍କୁ ଦିଆଯାଉଥିବା ଡିଏକୁ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ସହିତ ତୁଳନା କରିବା, ତେବେ ଏକ ବିରାଟ ପାର୍ଥକ୍ୟ ଦୃଶ୍ୟମାନ ହେବ। କେନ୍ଦ୍ରୀୟ କର୍ମଚାରୀମାନେ ୫୫ ପ୍ରତିଶତ ଡିଏ ପାଆନ୍ତି। ଏପରି ପରିସ୍ଥିତିରେ ରାଜ୍ୟ ସରକାରଙ୍କ କିଛି କର୍ମଚାରୀ କେନ୍ଦ୍ରୀୟ କର୍ମଚାରୀଙ୍କ ପରି ସେମାନଙ୍କର ଡିଏ ବୃଦ୍ଧି ଦାବି କରି କୋଲକାତା ହାଇକୋର୍ଟରେ ଏକ ପିଟିସନ ଦାୟର କରିଥିଲେ। ଏହା ସହିତ ପୁରୁଣା ମହଙ୍ଗା ଭତ୍ତା ଜାରି କରିବା ପାଇଁ ମଧ୍ୟ ଅନୁରୋଧ କରାଯାଇଥିଲା। ଏହା ଉପରେ, ୨୦୨୨ ମେ'ରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ କେନ୍ଦ୍ର ସରକାରଙ୍କ ଅନୁସାରେ କର୍ମଚାରୀମାନଙ୍କୁ ୩୧ ପ୍ରତିଶତ ଡିଏ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

ପଶ୍ଚିମବଙ୍ଗ ସରକାର ଏହି ନିର୍ଦ୍ଦେଶକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏହି ମାମଲା ୨୮ ନଭେମ୍ବର ୨୦୨୨ରେ ସୁପ୍ରିମକୋର୍ଟରେ ପହଞ୍ଚିଥିଲା, କିନ୍ତୁ ଶୁଣାଣି ପ୍ରାୟ ୧୮ଥର ସ୍ଥଗିତ ରହିଥିଲା। ଶୁକ୍ରବାର ସୁପ୍ରିମକୋର୍ଟ କହିଛନ୍ତି ଯେ, ହାଇକୋର୍ଟର ନିଷ୍ପତ୍ତିରେ କୌଣସି ସମସ୍ୟା ନାହିଁ। ଏହା ପରେ, କୋର୍ଟ ରାଜ୍ୟ ସରକାରଙ୍କୁ ୨୫ ପ୍ରତିଶତ ଡିଏ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

୪୮ ଘଣ୍ଟାରେ ନିପାତ ହେଲେଣି ୬ ଆତଙ୍କୀ

ଶ୍ରୀନଗର,୧୬।୫: ଜମ୍ମୁ-କଶ୍ମୀର ସେନାକୁ ବଡ଼ ସଫଳତା । ଲଗାତାର ୪୮ ଘଣ୍ଟା ଅପରେସନରେ ୬ ଜଣ ଆତଙ୍କୀଙ୍କୁ ନିପାତ କରିଛି ସେନା। ଏ ନେଇ ସେନା ଏବଂ ଜମ୍ମୁ କଶ୍ମୀର ପୁଲିସ ପକ୍ଷରୁ ମିଳିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଜାମ୍ମୁ କଶ୍ମୀର ସୋଫିଆନ ଅଞ୍ଚଳରେ ୪୮ ଘଣ୍ଟା ଭିତରେ ଦୁଇଟି ସଫଳ ଅପରେସନ ହୋଇଥିବା ନେଇ କଶ୍ମୀର ଆଇଜି ଭିକେ ବିରଡି କହିଛନ୍ତି। କେରାନ ଏବଂ ଡ୍ରାଲ ଅଞ୍ଚଳରେ ଦୁଇଟି ଅପରେସନରେ ୬ ଆତଙ୍କୀଙ୍କୁ ନିପାତ କରିଛି ସେନା। ପୂରା ଆତଙ୍କବାଦୀଙ୍କୁ ସଫା କରିବାକୁ ସେନା ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି କଶ୍ମୀର ଆଇଜି। ପହଲଗାମ ଆତଙ୍କୀ ଆକ୍ରମଣ ପରେ ଜମ୍ମୁ- କାଶ୍ମୀର ଘାଟିରେ ଲଗାତାର ସର୍ଚ୍ଚ ଅପରେସନ୍ ଲାଗି ରହିଛି। ନିକଟରେ ପହଲଗାମ ଆକ୍ରମଣ କରିଥିବା ଆତଙ୍କୀ ସେନା ନିପାତ କରିଥିବା ଆସିଥିଲା । ଏହାପରେ ବି ସେଠାରେ ଏକାଧିକ ଆତଙ୍କୀ ଛପି ରହିଥିବା ସୂଚନା ଥିବାରୁ ସେଠାରେ ଏବେବି ସର୍ଚ୍ଚ ଅପରେସନ୍ ଜାରି ରହିଛି।

ପ୍ରେମ ପାଇଁ ସ୍ୱାମୀଙ୍କୁ ୬ ଖଣ୍ଡ କଲେ ସ୍ତ୍ରୀ

ନୂଆଦିଲ୍ଲୀ,୧୬।୫: ପରକୀୟା ପ୍ରିତି କାରଣରୁ ଅନେକ ହତ୍ୟାକାଣ୍ଡ ଘଟିବା ଘଟଣା ବାରମ୍ବାର ସାମ୍ନାକୁ ଆସିଛି । ନିକଟରେ ଉତ୍ତରପ୍ରଦେଶରେ ଏକ ନିର୍ମମ ହତ୍ୟାକାଣ୍ଡ ଘଟଣା ହଇଚଇ ସୃଷ୍ଟି କରିଛି । ପ୍ରେମ ପାଇଁ ଜଣେ ୫୦ ବର୍ଷୀୟ ମହିଳା ନିଜ ସ୍ୱାମୀକୁ ହତ୍ୟା କରି ତାଙ୍କ ମୃତଦେହକୁ ୬ ଖଣ୍ଡ କରି ନଦୀ କୂଳରେ ଫିଙ୍ଗିଦେଇଥିଲେ। ଏହି ହତ୍ୟାକାଣ୍ଡରେ ମହିଳାଙ୍କ ପ୍ରେମୀ ତାଙ୍କୁ ସହଯୋଗ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି । ଘଟଣା ପରେ ପୁଲିସ ମହିଳା ଓ ତାଙ୍କ ପ୍ରେମୀକୁ ଗିରଫ ତଦନ୍ତ କରୁଛି। ଏହି ଘଟଣାରେ ଅନ୍ୟ ୨ ସହଯୋଗୀଙ୍କୁ ମଧ୍ୟ ପୁଲିସ ଗିରଫ କରିଛି। ଅଭିଯୁକ୍ତ ମହିଳା ଜଣକ ବଲିୟା ଥାନା କୋତବାଲୀ କ୍ଷେତ୍ର ଅର୍ନ୍ତଗତ ବହାଦୁରପୁରର ବାସିନ୍ଦା। ମହିଳା ଜଣକ ନିଜ ସ୍ୱାମୀଙ୍କୁ ୬ ଖଣ୍ଡ କରିବା ପରେ ସିକନ୍ଦରପୁର ଥାନା ଅନ୍ତର୍ଗତ ଖରୀଦ ଗାଁର ଘାଘରା ନଦୀ କୂଳରେ ଫିଙ୍ଗିଥିଲେ। ପୁଲିସ କହିଛି ଯେ, ମହିଳା ମାୟା ଦେବୀ, ତାଙ୍କ ପ୍ରେମୀ ଅନୀଲ ଯାଦବ ଓ ପ୍ରେମୀଙ୍କ ୨ ସାଙ୍ଗ ସତୀଶ ଓ ମିଥିଲେଶକୁ ଗିରଫ କରାଯାଇଛି । ମେ' ୧୨ ତାରିଖରେ ମୃତଦେହର ଅଂଶ ମିଳିବା ପରେ ପୁଲିସ ଅଧିକ ତଦନ୍ତ ଜାରି ରଖିଛି ।

ସନ୍ଧୁ ଜଳ ସନ୍ଧିକୁ ନେଇ ମେହବୁବା-ଓମାର ମୁହାଁମୁହିଁ

ନୂଆଦିଲ୍ଲୀ,୧୬।୫: ଶସ୍ତା ଲୋକପ୍ରିୟତା ଓ ପାକିସ୍ତାନରେ ଥିବା ଲୋକଙ୍କୁ ଖୁସି କରିବା ପାଇଁ ସତଠାରୁ ମୁହଁ ଫେରାଉଛନ୍ତି ମେହବୁବା ମୁଫତୀ। ଶୁକ୍ରବାର ଏଭଳି କହି ପିଡିପି ମୁଖ୍ୟଙ୍କୁ ତୀବ୍ର ସମାଲୋଚନା କରିଛନ୍ତି ଜମ୍ମୁ କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲା। ଏହାସହ ସେ ସିନ୍ଧୁ ଜଳ ଚୁକ୍ତିକୁ ଜମ୍ମୁ କାଶ୍ମୀର ଲୋକଙ୍କ ସହ ହୋଇଥିବା ସବୁଠୁ ବଡ଼ ବିଶ୍ୱାସଘାତକ ବୋଲି କହିଛନ୍ତି। ସେ କହିଛନ୍ତି ଯେ, ମୁଁ ସବୁବେଳେ ଏହି ସନ୍ଧିର ବିରୋଧ କରିଛି ଓ ଆଗକୁ ବି ଏପରି କରିବା ଜାରି ରଖିବି। ଏହା ସ୍ପଷ୍ଟ ଯେ କୌଣସି ବି ଅନୁଚିତ ଚୁକ୍ତିର ବିରୋଧର କରିବା କୌଣସି ଦୃଷ୍ଟିରୁ ଯୁଦ୍ଧପ୍ରେମ ନୁହେଁ। ସୋସିଆଲ୍ ମିଡିଆରେ ମୁଫତୀଙ୍କ ପୋଷ୍ଟକୁ ରିପୋଷ୍ଟ କରି ଓମାର ଅବଦୁଲା ଲେଖିଛନ୍ତି, 'ଦୁର୍ଭାଗ୍ୟର ବିଷୟ ଏହା ଯେ କିଛି

ଲୋକ ଶସ୍ତା ଲୋକପ୍ରିୟତା ପାଇବା ଓ ସୀମା ଆରପଟେ ଥିବା ଲୋକଙ୍କୁ ଖୁସି କରାଇବାର ନିଜ ଅନ୍ଧ ଲାଳସା ପାଇଁ ସତଠାରୁ ମୁହଁ ମୋଡୁଛନ୍ତି। ଆପଣ ଏହା ଅସ୍ୱୀକାର କରୁଛନ୍ତି ଯେ ସନ୍ଧୁ ଜଳ ଚୁକ୍ତିରେ ସବୁଠୁ ଅଧିକ କ୍ଷତି ଜମ୍ମୁ କାଶ୍ମୀର ଲୋକଙ୍କୁ ହେଉଥିଲା। ମୁଁ ସବୁବେଳେ ଏହାର ବିରୋଧ କରିଆସୁଛି ଓ ଭବିଷ୍ୟତରେ ଏପରି କରିବା ଜାରି ରଖିବି। ସିଧା କହିବାକୁ ଗଲେ ଏହା ଯେ ଭୁଲ ସନ୍ଧିର ବିରୋଧ କରିବା କୌଣସି ବି ଯୁଦ୍ଧର ଲାଳସା କରିବା ନୁହେଁ। ଏହା ଏକ ଐତିହାସିକ ଅନ୍ୟାୟକୁ ଠିକ୍ କରିବାର ବିଷୟ, ଏହା ଜରିଆରେ ଜମ୍ମୁ କାଶ୍ମୀର ଲୋକଙ୍କୁ ସେମାନଙ୍କ ଭାଗର ପାଣିରୁ ବଞ୍ଚିତ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଜମ୍ମୁ କାଶ୍ମୀରର ପୂର୍ବତନ ଓ ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ସୋସିଆଲ୍ ମିଡିଆରେ ବାକ୍ ଯୁଦ୍ଧ ଚାଲିଛି। ଏହା ସିଏମ୍ ଓମାର ଅବଦୁଲାଙ୍କ ଗୋଟିଏ ଟ୍ୱିଟରୁ ଆରମ୍ଭ ହୋଇଥିଲା, ଯେଉଁଥିରେ ସେ ତୁଲବୁଲ ନେଭିଗେସନ ପରିଯୋଜନାକୁ ପୁଣି ଥରେ ଆରମ୍ଭ କରିବା ପାଇଁ ଦାବି କରିଥିଲେ। ଏହା ଉପରେ ମୁଫତୀ ଏକ ପୋଷ୍ଟ କରି ଉତ୍ତେଜନା ଭିତରେ ଏପରି ଦାବି ପାଇଁ ଓମାର ଅବଦୁଲାଙ୍କୁ ସମାଲୋଚନା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ୧୯୮୦ ଦଶନ୍ଧିରେ ତୁଲ୍‌ବୁଲ୍ ନେଭିଗେସନ୍ ବ୍ୟାରେଜ ନିର୍ମାଣ ଆରମ୍ଭ ହୋଇଥିଲା, କିନ୍ତୁ ସିନ୍ଧୁ ଜଳ ସନ୍ଧି ଯୋଗୁଁ ଏହାକୁ ବନ୍ଦ ରଖାଯାଇଥିଲା। ଏବେ ସିନ୍ଧୁ ଜଳ ଚୁକ୍ତିକୁ ବାତିଲ୍ କରାଯିବା ପରେ ଏହାର ନିର୍ମାଣ ଆରମ୍ଭ ସପକ୍ଷରେ ଓମାର ଅବଦୁଲା ମତ ରଖୁଛନ୍ତି ।

ବିଶ୍ୱ ସାମ୍ନାରେ ପାକିସ୍ତାନର ମୁଖା ଖୋଲିବେ ଭାରତୀୟ ସାଂସଦ

ନୂଆଦିଲ୍ଲୀ,୧୬।୫: ଅପରେସନ ସିନ୍ଦୂର ପରେ ଏବେ ଭାରତୀୟ ସାଂସଦମାନେ ବିଶ୍ୱ ସମ୍ମୁଖରେ ପାକିସ୍ତାନର ମୁଖା ଖୋଲିବେ । ଭାରତ ସରକାର ପାକିସ୍ତାନର କୁକର୍ମକୁ ବିଶ୍ୱ ସମ୍ମୁଖରେ ପ୍ରକାଶ କରିବା ପାଇଁ ଆସନ୍ତା ସପ୍ତାହରେ ଏକ ସର୍ବଦଳୀୟ ପ୍ରତିନିଧିମଣ୍ଡଳୀ ବିଭିନ୍ନ ଦେଶକୁ ପଠାଇବାକୁ ନିଷ୍ପତ୍ତି ନେଇଛନ୍ତି । ଅତି କମରେ ୩୦ ଜଣ ସାଂସଦଙ୍କୁ ୧୦ ଦିନ ପାଇଁ ବିଭିନ୍ନ ଦେଶକୁ ପଠାଯିବ। ସରକାର ଏ ବିଷୟରେ ବିରୋଧୀ ଦଳ ସମେତ ବିଭିନ୍ନ ରାଜନୈତିକ ଦଳର ସାଂସଦଙ୍କ ସହ କଥା ହୋଇଛନ୍ତି । କିଛି ଦଳ ସେମାନଙ୍କର ସାଂସଦଙ୍କୁ ବିଦେଶ ପଠାଇବାକୁ ସମ୍ମତି ଜଣାଇଛନ୍ତି ।

ଆରମ୍ଭ ହେଲା କୂଟନୈତିକ ଅଭିଯାନ

ପାକିସ୍ତାନ ପହଲଗାମ ଆକ୍ରମଣ ପାଖରୁ ଆରମ୍ଭ କରି ଅପରେସନ ସିନ୍ଦୁର ପର୍ଯ୍ୟନ୍ତ, ସବୁ କ୍ଷେତ୍ରରେ ମିଛ କହି ଆସୁଛି। ତଥ୍ୟରୁ ଦୂରେଇ ଯାଇ ବିଶ୍ୱକୁ ମନଗଢ଼ା କାହାଣୀ ଶୁଣାଉଛି ପାକିସ୍ତାନ। ପାକିସ୍ତାନକୁ ଚୀନ୍ ଏବଂ ତୁର୍କୀ ଭଳି ଦେଶର ସମର୍ଥନ ମିଳିଛି । ଭାରତ ପାକିସ୍ତାନର ଏହି ପ୍ରୟାସକୁ ପର୍ଦ୍ଦାଫାସ କରିବାକୁ ଚାହୁଁଛି । ତେଣୁ କୂଟନୈତିକ ଦୃଷ୍ଟିରୁ ଭାରତ ସରକାର ବିଭିନ୍ନ ଦେଶ ଗସ୍ତ କରିବା ପାଇଁ ଏକ ସର୍ବଦଳୀୟ ପ୍ରତିନିଧି ଦଳ ପଠାଇବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରତିନିଧି ଦଳରେ କେତେ ସାଂସଦ ଯିବେ ତାହାର ସଠିକ୍ ସଂଖ୍ୟା ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। କିନ୍ତୁ ବିଶ୍ୱାସ କରାଯାଉଛି ଯେ, ପ୍ରତିନିଧି ଦଳରେ ୩୦ ରୁ ଅଧିକ ସାଂସଦ ସାମିଲ ହୋଇପାରନ୍ତି। ଏହି ସାଂସଦମାନେ ୧୦ ଦିନ ପାଇଁ ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଥିବା ବିଭିନ୍ନ ଦେଶ ପରିଦର୍ଶନ କରିବେ। ସାଂସଦମାନଙ୍କୁ ବିଦେଶରେ କଣ କହିବାକୁ ହେବ ସେନେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ଇଏ) ସେମାନଙ୍କୁ ସୂଚନା ଦେବ। ସୂତ୍ର ଅନୁସାରେ ପ୍ରତିନିଧିମଣ୍ଡଳୀରେ ବିଜେପି, କଂଗ୍ରେସ, ଟିଏମସି, ଡିଏମକେ, ଏନସିପି(ଏସପି), ଜେଡିୟୁ, ବିଜେଡି, ସିପିଆଇ(ଏମ) ଏବଂ ଅନ୍ୟ କିଛି ଦଳର ସାଂସଦ ସାମିଲ ହେବେ। ସେମାନଙ୍କୁ ୧୦ ଦିନ ପାଇଁ ବିଦେଶ ଯିବାକୁ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଏମ୍‌ଇଏ ସେମାନଙ୍କ ସହିତ ଯୋଗାଯୋଗ କରି ଯାତ୍ରା କାର୍ଯ୍ୟକ୍ରମ ସମେତ ଆବଶ୍ୟକୀୟ ବିବରଣୀ ପ୍ରଦାନ କରିବ । ପ୍ରତିନିଧି ଦଳରେ ବିଜେପିରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଏବଂ ଓଡିଶାର ବିଜେପି ସାଂସଦ ଅପରାଜିତା ଷଡ଼ଙ୍ଗୀ ସାମିଲ ଅଛନ୍ତି । ଚାରି ଜଣ କଂଗ୍ରେସ ସାଂସଦ ମଧ୍ୟ ପ୍ରତିନିଧି ଦଳରେ ସାମିଲ ହେବେ। ଏଥିରେ କଂଗ୍ରେସ ସାଂସଦ ଶଶି ଥରୁର, ମନୀଷ ତିୱାରୀ, ସଲମାନ ଖୁର୍ସିଦ ଏବଂ ଅମର ସିଂହ ସାମିଲ ଅଛନ୍ତି। ସେହିଭଳି ତୃଣମୂଳ କଂଗ୍ରେସର ସୁଦୀପ ବନ୍ଦୋପାଧ୍ୟାୟ, ଜେଡିୟୁର ସଞ୍ଜୟ ଝା, ବିଜେଡିର ସସ୍ମିତ ପାତ୍ର, ଏନସିପି (ସପା)ର ସୁପ୍ରିୟା ସୁଲେ, ଡିଏମକେର କେ କାନିମୋଝି, ସିପିଆଇ (ଏମ)ର ଜନ୍ ବ୍ରିଟାସ୍ ଏବଂ ଏଆଇଏମଆଇଏମର ଅସଦୁଦ୍ଦିନ ଓୱେସି ମଧ୍ୟ ପ୍ରତିନିଧି ଦଳରେ ସାମିଲ ହୋଇପାରନ୍ତି।

ଭୂକମ୍ପରେ ଥରିଲା ଚୀନ୍

ନୂଆଦିଲ୍ଲୀ,୧୬।୫: ଭୂକମ୍ପରେ ଥରିଲା ଚୀନ। ସକାଳୁ ସକାଳୁ ଚୀନରେ ଭୂକମ୍ପ ଝଟକା ଅନୁଭୂତ ହୋଇଛି । ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୪.୫ ରେକର୍ଡ କରାଯାଇଛି। ସକାଳ ୬ଟା ୨୯ ଭୂକମ୍ପ ଅନୁଭୂତ ସୂଚନା ମିଳିଛି । ପଶ୍ଚିମ ଚୀନରେ ଭୂକମ୍ପ ଝଟକା ଅନୁଭୂତ ହୋଇଛି । ଭୂମିକମ୍ପର ଝଟକା ଅନୁଭବ ହେବା ମାତ୍ରେ



ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା ଏବଂ ସେମାନେ ଘରୁ ବାହାରକୁ ଦୌଡ଼ିବାକୁ ଲାଗିଥିଲେ । ତେବେ ଗତକାଲି ତୁର୍କୀରେ ମଧ୍ୟ ମଧ୍ୟମ ଧରଣର ଭୂମିକମ୍ପ ହୋଇଥିଲା। ଏହି ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୫.୧ ମାପ କରାଯାଇଛି। ଗୁରୁବାର ଅପରାହ୍ନ ପ୍ରାୟ ୩.୪୬ ସମୟରେ ତୁର୍କୀରେ ଶକ୍ତିଶାଳୀ ଭୂମିକମ୍ପ ଝଟକା ଅନୁଭୂତ ହୋଇଥିଲା।

୧୦ଥର ପାଇଁ ନୀରବ ମୋଦିଙ୍କ ଜାମିନ୍ ଆବେଦନ ଖାରଜ

ନୂଆଦିଲ୍ଲୀ, ୧୬/୦୫: ପଳାତକ ନୀରବ ମୋଦିଙ୍କୁ ବଡ଼ ଝଟକା। ପିଏନ୍‌ବି ମହାଘୋଟାଲାର ଆଉ ଜଣେ ସୁତ୍ରଧର ନୀରବ ମୋଦିର ଜାମିନ ଆବେଦନ ଖାରଜ । ଲଗାତାର ୧୦ମ ଥର ପାଇଁ ବେଲ୍ ପିଟିସନ୍‌କୁ ଅଗ୍ରାହ୍ୟ କରିଛନ୍ତି ଲଣ୍ଡନ ହାଇକୋର୍ଟ। ୨୦୧୯ ମାର୍ଚ୍ଚ ୧୯ରୁ ବ୍ରିଟେନ୍ ଜେଲରେ ବନ୍ଦୀ ଅଛନ୍ତି ନୀରବ ମୋଦି। ଭାରତ ସରକାର ଆଶଙ୍କା ପ୍ରକାଶ କରିଥିଲେ ଯେ ଯଦି ନୀରବ ମୋଦିଙ୍କୁ ଜାମିନ ଦିଆଯାଏ, ତେବେ ସେ ପୁଣି ଫେରାର୍ ହୋଇପାରନ୍ତି।

ପିଏନ୍‌ବି ମହାଘୋଟାଲାରେ ମାମଲା

କୋର୍ଟ ଏହି ଯୁକ୍ତିକୁ ଗମ୍ଭୀରତାର ସହ ନେବା ସହ ଜାମିନ ଆବେଦନକୁ ଖାରଜ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ନୀରବ ମୋଦି ଲଣ୍ଡନ ହାଇକୋର୍ଟରେ ପ୍ରତ୍ୟର୍ପଣ ଅନୁରୋଧ ଉପରେ ନିଷ୍ପତ୍ତି ଆସିବା ଯାଏଁ ଜେଲରୁ ମୁକୁଳିବାକୁ ଜାମିନ ଆବେଦନ କରିଥିଲେ। ବେଲ୍ ପିଟିସନ୍ ଖାରଜ ହୋଇଥିବା ନେଇ ସିବିଆଇ ପକ୍ଷରୁ ସୂଚନା ମିଳିଛି। ତାଙ୍କର ୧୦ମ ଥର ଦାୟର ହୋଇଥିବା ଜାମିନ ଆବେଦନ ଯାହା ଅଗ୍ରାହ୍ୟ କରିଛନ୍ତି ୟୁକେ ହାଇକୋର୍ଟ ଜଷ୍ଟିସ୍ କିଙ୍ଗଙ୍କ ଖଣ୍ଡପୀଠ। ପିଏନ୍‌ବି ମହାଘୋଟାଲାର ଅନ୍ୟତମ ପଳାତକ ହୀରା ବ୍ୟବସାୟୀ ମୋହୁଲ ଚୋକସୀ କିଛି ଦିନ ତଳେ ବେଲଜିୟମରୁ ଗିରଫ ହୋଇଥିଲା । ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ୧୪ ହଜାର କୋଟି ଟଙ୍କା ଘୋଟାଲାର ସୁତ୍ରଧର ମେହୁଲ ଚୋକସୀ । ଭାରତୀୟ ତଦନ୍ତ ଏଜେନ୍ସିର ପ୍ରତ୍ୟର୍ପଣ ଆବେଦନ ପରେ ଗତ ଏପ୍ରିଲ ୧୨ରେ ବେଲଜିୟମ ପୋଲିସ ମୋହୁଲକୁ ଗିରଫ କରିଥିଲା । କୋଟି କୋଟି ଟଙ୍କା ଋଣ ଜାଲିଆତି କରି ୨୦୧୮ରେ ଭାରତରୁ ଫେରାର ହୋଇଯାଇଥିଲା । ଖୁବଶୀଘ୍ର ମେହୁଲକୁ ଭାରତ ପ୍ରତ୍ୟର୍ପଣ ନେଇ ପ୍ରସ୍ତୁତି ଜାରି ରହିଛି।

'ଭାରତ ଓ ଚୀନ ମଧ୍ୟରେ ବିବାଦ ସୃଷ୍ଟି ପାଇଁ ଉଦ୍ୟମ କରୁଛି ପାଶ୍ଚାତ୍ୟ'

ନୂଆଦିଲ୍ଲୀ: ଭାରତ ଓ ଚୀନ ମଧ୍ୟରେ ଫାଟ ସୃଷ୍ଟି କରିବା ପାଇଁ ପାଶ୍ଚାତ୍ୟ ଦେଶ ଉଦ୍ୟମ କରୁଛନ୍ତି। ରୁଷ ବିଦେଶ ମନ୍ତ୍ରୀ ସର୍ଗେଇ ଲାଭରୋଭ୍ ଏହି ଦାବି କରିଛନ୍ତି । ସେ ଆହୁରି କହିଛନ୍ତି ଯେ ପାଶ୍ଚାତ୍ୟ ଦେଶ ଜାଣିଶୁଣି ଏସିଆର ଦୁଇ ପଡ଼ୋଶୀ ମଧ୍ୟରେ ଉତ୍ତେଜନା ସୃଷ୍ଟି କରୁଛନ୍ତି। ଲାଭରୋଭ୍ କହିଛନ୍ତି, ବର୍ତ୍ତମାନ ସମୟରେ ଏସିଆ-ପ୍ରଶାନ୍ତ କ୍ଷେତ୍ରରେ ଯାହା ଘଟୁଛି, ତାହାକୁ ପାଶ୍ଚାତ୍ୟ ଦେଶଗୁଡ଼ିକ ଭାରତ-ପ୍ରଶାନ୍ତ କ୍ଷେତ୍ର ଭାବେ ସମ୍ବୋଧିତ କରୁଛନ୍ତି । ଯାହା ସେମାନଙ୍କ ଚୀନ-ବିରୋଧୀ ନୀତିକୁ ସ୍ପଷ୍ଟ କରୁଛି । ଯେଉଁଥିପାଇଁ ଆମର ଦୁଇ ଭଲ ବନ୍ଧୁ ଏବଂ ଦୁଇ ପଡ଼ୋଶୀ ଭାରତ ଓ ଚୀନ ମଧ୍ୟରେ ପ୍ରଭେଦ ସୃଷ୍ଟି ହୋଇପାରେ। ଲାଭରୋଭ୍ ଆହୁରି କହିଛନ୍ତି, ନିକଟରେ ରାଷ୍ଟ୍ରପତି ପୁଟିନ୍ ପୁଣି ଥରେ ଏହି ନୀତି ଉପରେ ଆଲୋଚନା କରିଥିଲେ- 'ବିଭାଜନ କର ଓ ଶାସନ କର'। ରୁଷ ବିଦେଶ ମନ୍ତ୍ରୀ ଚେତାବନୀ ଦେଇ କହିଛନ୍ତି ଯେ, ଆଞ୍ଚଳିକ ବ୍ୟାପାରରେ ଇଉରଇଘ ଭୂମିକାକୁ ହ୍ରାସ କରିବା ପାଇଁ ପାଶ୍ଚାତ୍ୟ ରଣନୀତି କରୁଛି । ବିଶ୍ୱର ଅନ୍ୟ କୋଣ ପରି, ପାଶ୍ଚାତ୍ୟ ଶକ୍ତି ଏହି ଅଞ୍ଚଳରେ ମଧ୍ୟ ନିଜ ଆଧିପତ୍ୟ ଜାହିର କରିବାକୁ ଚାହୁଁଛି । ଦଶନ୍ଧି ଦଶନ୍ଧି ଧରି ଅଞ୍ଚଳରେ ଶାନ୍ତି ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା ASEANକୁ ଦୁର୍ବଳ କରାଯାଉଛି । ASEAN ହେଉଛି ଦକ୍ଷିଣ ପୂର୍ବ ଏସୀୟ ରାଷ୍ଟ୍ରର ସଂଘଫ ୧୦ ଦକ୍ଷିଣ ପୂର୍ବ ଏସୀୟ ଦେଶ ଇଣ୍ଡୋନେସିଆ, ମାଲେସିଆ, ଫିଲିପାଇନ୍ସ, ସିଙ୍ଗାପୁର, ଥାଇଲାଣ୍ଡ, ବ୍ରୁନେଇ, ମିଆଁମାର, କାମ୍ବୋଡିଆ, ଲାଓସ୍ ଏବଂ ଭିଏତନାମ୍‌ର ଏକ ଆଞ୍ଚଳିକ ବ୍ଲକ୍।

ଫେରିଲାଣି କୋଭିଡ୍‌ର ନୂଆ ଲହର !

ଦ୍ରୁତ ସଂକ୍ରମଣ ସହ ହେଉଛି ମୃତ୍ୟୁ, ଭାରତ ପାଇଁ ଚେତାବନୀ

ନୂଆଦିଲ୍ଲୀ ୧୬।୫: ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବା କରୋନା ଭାଇରସ ମହାମାରୀ ପୁଣି ଥରେ ଏସିଆକୁ ଲେଉଟିଛି। ହଂକଂ ଓ ସିଙ୍ଗାପୁର ଭଳି ଦେଶମାନଙ୍କରେ କୋଭିଡ-୧୯ ମାମଲାରେ ଅଚାନକ ବୃଦ୍ଧି ଦେଖାଯାଇଛି। ଫଳରେ ସ୍ୱାସ୍ଥ୍ୟ ଏଜେନ୍ସୀମାନେ ସତର୍କ ହୋଇ ଯାଇଛନ୍ତି। ବିଶେଷଜ୍ଞଙ୍କ ଅନୁସାରେ ଏହା ସମ୍ଭବତଃ ନୂଆ ଲହରର ଚେତାବନୀ ହୋଇପାରେ। ଏଥିପାଇଁ ବିଶେଷଜ୍ଞମାନେ ଭାରତକୁ ମଧ୍ୟ ସତର୍କ କରିଛନ୍ତି।

ହଂକଂ ସ୍ୱାସ୍ଥ୍ୟ ସଂରକ୍ଷଣ କେନ୍ଦ୍ରର ସଂକ୍ରାମକ ରୋଗ ବିଭାଗ ମୁଖ୍ୟ ଡା.ଅଲବର୍ଟ ଔ ଙ୍କ ଅନୁସାରେ ସହରରେ କୋଭିଡ ସଂକ